# NATIONAL NEWS BULLETIN (ODIA)
## 12th September - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଭାରତ ଅଧ୍ୟକ୍ଷତାରେ ଆରମ୍ଭ ହେଲା ଦୁଇଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ।

— ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଆଧାରରେ ପ୍ରକାଶ ପାଇଲା ‘ଦିଲ୍ଲୀ ଘୋଷଣାନାମା’ ।

— ଆଗାମୀ ୨୦ ବର୍ଷପାଇଁ ନୂତନ ତଥା ମହତ୍ୱାକାଂକ୍ଷୀ ରୂପରେଖ ପ୍ରସ୍ତୁତ ଉପରେ କାର୍ଯ୍ୟ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

— ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜାରି ରହିଥିବା ସଂଘର୍ଷ ପରିସ୍ଥିତି ଉପରେ ଚିନ୍ତା ପ୍ରକଟ କଲେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ।

- ସୀମାପାର ଆତଙ୍କବାଦ ଷଡ଼ଯନ୍ତ୍ର ପ୍ରତିହତ ଲକ୍ଷ୍ୟ ନେଇ ଜମ୍ମୁ-କାଶ୍ମୀରର ୧୦ଟି ସ୍ଥାନରେ ଏନ୍.ଆଇ.ଏ.ର ଖାନତଲାସୀ ।

ଏବଂ

- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଆରମ୍ଭ ହେଉଥିବା ତିନିଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ଆସନ୍ତକାଲି ଖେଳାଯିବ ପ୍ରଥମ ମ୍ୟାଚ୍ ।

## ପି.ଏମ୍. - ବ୍ରିକ୍ସ ଆଡ୍ରେସ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜିଠାରୁ ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍‌ସ ଶିଖର ସମ୍ମିଳନୀ ଆରମ୍ଭ ହୋଇଛି । ପ୍ରଥମ ଦିନ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ ଘୋଷଣାପତ୍ର ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି । ନୂଆଦିଲ୍ଲୀ ଘୋଷଣାନାମା ପ୍ରକାଶ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଘୋଷଣାପତ୍ର ସଦସ୍ୟ ଦେଶଗୁଡ଼ିକର ସହଭାଗୀ ସଙ୍କଳ୍ପକୁ ପ୍ରତିପାଦନ କରୁଛି । ତେବେ ଏହାର କାର୍ଯ୍ୟାନ୍ୱୟନ ପ୍ରତ୍ୟେକ ଅଂଶୀଦାର ରାଷ୍ଟ୍ରର ସହଭାଗୀ ଦାୟିତ୍ୱ ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Delhi Declaration)*** :..........

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଏବଂ ନୀତି ନିର୍ଦ୍ଧାରଣରେ ସଂସ୍କାର ମାଧ୍ୟମରେ ଅନ୍ତର୍ଜାତୀୟସ୍ତରୀୟ ସଂସ୍ଥାଗତ ଢାଞ୍ଚା ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଉଛନ୍ତି । ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ଏହା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି ।

*Voice (PM - Global Governance)* :........

ବ୍ରିକ୍ସ ସଂଗଠନର ୨୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କଦ୍ୱାରା ଦୁଇଟି ସ୍ମାରକୀ ଡାକଟିକଟ ଉନ୍ମୋଚିତ ହୋଇଛି ।

ସମ୍ମିଳନୀର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ମୋଦି' ପ୍ରତିବର୍ଷ ଅଧ୍ୟକ୍ଷତା ପରିବର୍ତ୍ତନସତ୍ତ୍ୱେ ବ୍ରିକ୍ସ ସଦସ୍ୟ ଗୋଷ୍ଠୀର ସଂସ୍ଥାଗତ ଗତିଶୀଳତା ବଜାୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏଥିପାଇଁ ବ୍ରିକ୍ସ ନିରନ୍ତରତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ସେ ପ୍ରସ୍ତାବ ଦେଇଛନ୍ତି । ଆଗାମୀ ୨୦ ବର୍ଷପାଇଁ ନୂତନ ତଥା ମହତ୍ୱାକାଂକ୍ଷୀ ରୂପରେଖ ପ୍ରସ୍ତୁତ ଉପରେ କାର୍ଯ୍ୟ କରିବାକୁ ଶ୍ରୀ ମୋଦି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ଆହ୍ୱାନ ସମୟରେ ସହାୟତା ବୃଦ୍ଧି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ନାବିକଙ୍କୁ ଜରୁରୀକାଳୀନ ସହାୟତା ପ୍ରଦାନ କରିବାପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମୁଦ୍ରିକ କର୍ତ୍ତୃପକ୍ଷ ଏବଂ କୂଟନୈତିକ ମିଶନଗୁଡ଼ିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟ କରିବା ଉଚିତ । ବିଶ୍ୱ ବାଣିଜ୍ୟରେ ନାବିକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରକ୍ଷା କରୁଥିବାବେଳେ ସଙ୍କଟ ସମୟରେ ପ୍ରାୟତଃ ସେମାନେ ସମର୍ଥନର ଅଭାବ ଅନୁଭବ କରନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

*Voice (PM - Seafares Bricks)* :........

ଶ୍ରୀ ମୋଦି ଶିଖର ସମ୍ମିଳନୀ ଅବସରରେ ଭାରତ ମଣ୍ଡପମ୍‌ଠାରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ନେତୃବୃନ୍ଦଙ୍କୁ ସ୍ୱାଗତ କରିଥିଲେ ।

## ନିୟୁଦିଲ୍ଲୀ - ଡିକ୍ଲାରେସନ୍

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜାରି ରହିଥିବା ସଂଘର୍ଷ ତଥା ଅନ୍ୟାନ୍ୟ ଧ୍ରୁବୀକରଣ ଓ ବିଖଣ୍ଡନର ପରିସ୍ଥିତି ଉପରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଚିନ୍ତା ପ୍ରକଟ କରିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଦୁଇଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀର ଆଜି ପ୍ରଥମ ଦିନରେ ଗୃହୀତ ନୂଆଦିଲ୍ଲୀ ଘୋଷଣାନାମା ପ୍ରକାଶ ପାଇଛି । ବିଶ୍ୱସ୍ତରୀୟ ସାମରିକ ଖର୍ଚ୍ଚରେ ଅତ୍ୟଧିକ ବୃଦ୍ଧିଧାରା ନେଇ ସମ୍ମିଳନୀରେ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ସତର୍କ ସୂଚନା ଜାରି କରିଛନ୍ତି । ଘୋଷଣନାମାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ତଥା ରାଷ୍ଟ୍ରଭିତ୍ତିକ ଦୃଷ୍ଟିକୋଣ ଓ ସ୍ଥିତିକୁ ସମ୍ମାନ ପ୍ରଦର୍ଶନ କରାଯାଇଛି । ସେଗୁଡ଼ିକ ମଧ୍ୟରେ ନିରନ୍ତର ବିକାଶ, କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ, ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗ ଆଦି ଅନ୍ତର୍ଭୁକ୍ତ । ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି ସଦସ୍ୟ ରାଷ୍ଟ୍ରଗୁଡ଼ିକ ସଂଯମତା ଅବଲମ୍ବନ ତଥା ସଂଘର୍ଷ ପରିସ୍ଥିତିକୁ ପ୍ରତିହତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜାତିସଂଘ ନିର୍ଦ୍ଧାରିତ ଉଦ୍ଦେଶ୍ୟ ଓ ନୀତି ଆଧାରରେ ନାଗରିକ ଭିତ୍ତିଭୂମିର ସୁରକ୍ଷା ଓ ସୁନିଶ୍ଚିତ କରିବାକୁ ଘୋଷଣାନାମାରେ ଆହ୍ୱାନ ଦିଆଯାଇଛି । ସ୍ଥାୟୀ

ଶାନ୍ତି, ସୁରକ୍ଷା ଓ ସ୍ଥିରତା ନେଇ ଆଲୋଚନା ତଥା କୂଟନୈତିକ କାର୍ଯ୍ୟକଳାପ ବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଘୋଷଣାନାମାରେ ସହମତି ପ୍ରକାଶ ପାଇଛି । ଯେକୌଣସି ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଅପରାଧଭିତ୍ତିକ ପଦକ୍ଷେପକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି । ଗତବର୍ଷ ଏପ୍ରିଲ୍ ୨୨ ତାରିଖରେ ଜମ୍ମୁ-କାଶ୍ମୀରର ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ସଦସ୍ୟ ରାଷ୍ଟ୍ରବୃନ୍ଦ ଦୃଢ଼ ନିନ୍ଦା କରିଛନ୍ତି ।

ଆଜି ଅଧିବେଶନ ସମାପ୍ତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ନେତୃବୃନ୍ଦ ଭାରତ ମଣ୍ଡପମ୍ ପରିସରରେ ଚାରାରୋପଣ କରିଥିଲେ । ଇଣ୍ଡିଆ ଇନୋଭେଟ୍‌ସ ପ୍ରଦର୍ଶନୀକୁ ମଧ୍ୟ ନେତୃମଣ୍ଡଳୀ ପରିଦର୍ଶନ କରିଛନ୍ତି ।

## ଏନ୍.ଆଇ.ଏ. - ଜେ.କେ. ସର୍ଚ୍ଚେସ୍

ଜମ୍ମୁ-କାଶ୍ମୀରର ୧୦ଟି ସ୍ଥାନରେ ଆଜି ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏ. ଖାନ୍‌ତଲାସୀ କରିଛି । ସେଗୁଡ଼ିକ ମଧ୍ୟରେ କୁପ୍‌ୱାଡ଼ା, କୁଲ୍‌ଗାମ୍, ବାନ୍ଦିପୋରା, ବାରମୁଲ୍ଲା ଓ ସୋପୋର ଆଦି ଅଞ୍ଚଳ ଅନ୍ତର୍ଭୁକ୍ତ । ପାକିସ୍ତାନଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀ ଲସ୍କରେ-ତୋୟିବା ତଥା ସ୍ଥାନୀୟ ବିଚ୍ଛିନ୍ନତାବାଦୀଙ୍କ ସୀମାପାର ଆତଙ୍କବାଦ ଷଡ଼ଯନ୍ତ୍ରକୁ ଆଧାର କରି ଏହି ତଲାସୀ ଅଭିଯାନ କରାଯାଇଛି । ବହୁ ଆପତ୍ତିଜନକ ସାମଗ୍ରୀ ତଲାସୀ

ସମୟରେ ଜବତ କରାଯାଇଛି । ଗତ ମାର୍ଚ୍ଚ ୩୧ ତାରିଖରେ ଜଣେ ବିଚ୍ଛିନ୍ନତାବାଦୀ ଗିରଫ ହେବା ପରେ ଏନ୍.ଆଇ.ଏ. ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି ।

## ସି.ବି.ଆଇ. - ଏକ୍ସଟ୍ରାଡିସନ୍

ପଳାତକ ଅମୃତପାଲ୍ ସିଂହ ଓରଫ୍ ଗୁରୁପାଲ୍ ସିଂହଙ୍କୁ ମାଲ୍ଡୋଭାରୁ ଭାରତକୁ ଅଣାଯାଉଛି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସି.ବି.ଆଇ., ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ପଞ୍ଜାବ ପୁଲିସର ସମନ୍ୱୟ ମାଧ୍ୟମରେ ଏହି ଅଭିଯୁକ୍ତଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି । ପଞ୍ଜାବ ପୁଲିସର ଚାରିଜଣିଆ ଦଳ ଗୁରୁପାଲ୍ ସିଂହକୁ ଆଣିବାପାଇଁ ମାଲ୍ଡୋଭା ଗସ୍ତରେ ଯାଇଛନ୍ତି । ସି.ବି.ଆଇ ଦେଇଥିବା ସୂଚନା ଅନୁଯାୟୀ ଗୁରୁପାଲ୍ ସିଂହ ବହୁ ଅପରାଧିକ ମାମଲାରେ ସଂଶ୍ଲିଷ୍ଟ ଥିଲେ ।  ଗତ କିଛି ବର୍ଷ ମଧ୍ୟରେ ୧୭୫ ଜଣ ପଳାତକଙ୍କୁ ଭାରତ ଫେରାଇ ଅଣାଯାଇଛି ବୋଲି ସି.ବି.ଆଇ. ସୂଚନା ଦେଇଛି ।

## ପି.ଏମ୍. - ଜେୱିସ୍ ନିୟୁ ଇୟର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ଇସ୍ରାଏଲ୍ ନାଗରିକ ଏବଂ ବିଶ୍ୱରେ ଥିବା ଇହୁଦୀ ସମ୍ପ୍ରଦାୟଙ୍କୁ ଇହୁଦୀ ନବବର୍ଷ ‘ରୋଶ୍ ହଶାନା’ ଅବସରରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି’ ଏହି ନବବର୍ଷ ସମସ୍ତଙ୍କ ପାଇଁ ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ପ୍ରଗତି ଆଣିଦେବାକୁ ଆଶାବ୍ୟକ୍ତ କରିଛନ୍ତି ।

## ଇଣ୍ଡିଆ-ଗଲ୍ଫ୍ ରିପୋର୍ଟ

ଭାରତର ୨୦୨୬ ବ୍ରିକ୍ସ ଅଧ୍ୟକ୍ଷତା’ ଉପସାଗରୀୟ ଅଞ୍ଚଳ ସହ ତୈଳ ସମ୍ବନ୍ଧୀୟ ବୁଝାମଣାକୁ ସୁଦୃଢ଼ କରିଛି । ଏହି ଅଧିବେଶନରେ ଭାରତ’ ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ନିରାପତ୍ତା, ସ୍ୱଚ୍ଛ ଶକ୍ତି ଏବଂ ଆଞ୍ଚଳିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଛି । ସଂଯୁକ୍ତ ଆରବ ଏମିରେଟ୍ସର ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁଯାୟୀ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ପାରସ୍ପରିକ ସହଯୋଗ, ସୁସମ୍ପର୍କ ବୃଦ୍ଧି ନେଇ ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୁକ୍ତ କରିଛି ।  ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ଅଶୋଧିତ

ତୈଳ, ଏଲ୍.ଏନ୍.ଜି. ଏବଂ ରନ୍ଧନ ଗ୍ୟାସ୍ କ୍ଷେତ୍ରରେ ବୁଝାମଣା ହୋଇଛି । ଭାରତ' କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଦକ୍ଷତା ଉପସାଗରୀୟ ଦେଶ ସହ ସୁସମ୍ପର୍କ ରଖିବାରେ ସହାୟକ ହୋଇପାରିଛି । ହର୍ମୁଜ ପ୍ରଣାଳୀରେ ସାମ୍ପ୍ରତିକ ସଙ୍କଟ ସମୟରେ  ଶକ୍ତି ସୁରକ୍ଷା, ସାମୁଦ୍ରିକ ବାଣିଜ୍ୟ ଏବଂ ନିରାପଦ ଜାହାଜ ଚଳାଚଳକୁ ନେଇ ଆଞ୍ଚଳିକ ଉତ୍ତେଜନା ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ଅର୍ଥନୀତି, ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ,  ଏବଂ ଏସିଆ ସହ ବାଣିଜ୍ୟିକ ସମ୍ପର୍କ ଦୃଢ଼ କରିବା ନିମନ୍ତେ ଆଲୋଚନା ହୋଇଛି ।

## କ୍ରିକେଟ୍ - ଇଣ୍ଡିଆ-ଆଫଗାନିସ୍ତାନ-ଟି.ଟ୍ୱେଣ୍ଟି

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ତିନି ମ୍ୟାଚ୍‌ବିଶିଷ୍ଟ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳା ଆସନ୍ତାକାଲି ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବ । ସମସ୍ତ ୩ଟିଯାକ ମ୍ୟାଚ୍ ଏହି ଷ୍ଟାଡିୟମ୍‌ରେ ଖେଳାଯିବ । ଆଫଗାନିସ୍ତାନ ବିରୋଧରେ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳାର ୯ଟି ମ୍ୟାଚ୍ ମଧ୍ୟରୁ ଭାରତ ୮ଟିରେ ବିଜୟୀ ହୋଇଛି ଏବଂ ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାରେ ଭାରତ' ଆୟାର୍ଲାଣ୍ଡ ଏବଂ ଇଂଲଣ୍ଡକୁ ପରାସ୍ତ କରିବା ପରେ ବିଜୟଯାତ୍ରା ଅବ୍ୟାହତ ରଖିବ ବୋଲି ଆଶା କରାଯାଉଛି ।

# ହକି

ଜୁନିୟର ଏସୀୟ ହକି ୨୦୨୬ ଫାଇନାଲ୍‌କୁ ଭାରତୀୟ ମହିଳା ଦଳ ଉନ୍ନୀତ ହୋଇଛି । ଚୀନ୍‌ର ମୋକୀ ଠାରେ ଆଜି ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ' ଦକ୍ଷିଣ କୋରିଆକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତୀୟ ଖେଳାଳି ସୁପ୍ରିୟା ୩ଟି ଗୋଲ୍ କରିଥିବା ବେଳେ ମଧୁ ସିଦାର୍ ଏବଂ ସୁଖବୀର କୌର୍ ଗୋଟିଏ ଲେଖାଏଁ ଗୋଲ୍ କରିଛନ୍ତି । ଦକ୍ଷିଣ କୋରିଆର ୟୁରିଜିଓଁ ଏକମାତ୍ର ଗୋଲ୍ କରିଛନ୍ତି ।

ଚୀନ୍ ଓ ଜାପାନ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ର ବିଜେତା ଭାରତୀୟ ଦଳକୁ ଫାଇନାଲ୍‌ରେ ଭେଟିବ ।

ପୂର୍ବରୁ ଭାରତୀୟ ମହିଳା ଦଳ ୨୦୨୩ ଓ ୨୦୨୪ରେ ଜୁନିଅର୍ ଏସିଆ କପ୍ ଜିତିଥିଲା ।

*****